# ରାଶି ଚାଷ
# CULTIVATION OF SESAME








ଶ୍ରୀ ସଂଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଇଂ. ଅମୀତ୍ ଜ୍ୟୋତି ମାଝୀ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି)


ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର
ରା.ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ରାଶି ଚାଷ

# CULTIVATION OF SESAME




ଶ୍ରୀ ସଂଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ଇଂ. ଅମୀତ୍ ଜ୍ୟୋତି ମାଝୀ
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି)

ଡଃ ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

## କୃଷି ବିଜ୍ଞାନ କେନ୍ଦ୍ର

ରା.ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

# ରାଶି ଚାଷ

ମୁଖ୍ୟ ସମ୍ପାଦକ :

**ଡଃ ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ବିଷୟବସ୍ତୁ :

**ଶ୍ରୀ ସଂଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଇଂ. ଅମୀତ୍ ଜ୍ୟୋତି ମାଝୀ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଯନ୍ତ୍ରପାତି)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

ପ୍ରକାଶକ :

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ : **୨୦୨୨-୨୩**

# ରାଶି ଚାଷ

ରାଶି ଏକ ଅର୍ଥକାରୀ ତୈଳବୀଜ ଫସଲ । ଏହାର ଉତ୍ପାଦନରେ ଭାରତ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିଅଛି । ଏଥିରେ ଲଡୁ ପ୍ରସ୍ତୁତ କରାଯାଏ । ଏହାର ତେଲକୁ ଖାଇବା ବ୍ୟତୀତ ସାବୁନ, ଅତର ଓ ଔଷଧ ପ୍ରସ୍ତୁତିରେ ବ୍ୟବହାର କରାଯାଏ । ପିଡ଼ିଆକୁ ଗୋ-ଖାଦ୍ୟ ଏବଂ ସାର ରୂପେ ବ୍ୟବହୃତ ହୋଇଥାଏ ।

**ଜଳବାୟୁ :-**

ରାଶି ଏକ ଉଷ୍ଣ ମଣ୍ଡଳୀୟ ଫସଲ । ଏହାର ମରୁଡ଼ି ସହଣୀ ଶକ୍ତି ରହିଛି । ଆମ ରାଜ୍ୟରେ ବୁଣିବା ଋତୁ ଅନୁସାରେ ଭୋଦେଇ, ମାଘୀ ବା ନିର୍ଲଜୀ ରାଶି କୁହାଯାଏ । ଗଛ ବୃଦ୍ଧି ସମୟରେ ଉଷ୍ଣ ଜଳବାୟୁ ଆବଶ୍ୟକ । ଏହାକୁ ସମୁଦ୍ର ପତନଠାରୁ ୧୨୫୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ଚାଷ କରାଯାଇପାରିବ । ବାୟୁମଣ୍ଡଳର ଉତ୍ତାପ ୨୫-୨୭ ଡିଗ୍ରୀ ସେଲସିୟସ୍ ରହିଲେ ଗଜା, ଗଛ ବୃଦ୍ଧି ତଥା ଫୁଲର ବୃଦ୍ଧି ଭଲ ହୋଇଥାଏ । କୁହୁଡ଼ି, କରକାପାତ ଓ ଜଳାନବେଧତା (Waterlogging) ରାଶି ଗଛର ଶତ୍ରୁ ରୂପେ ପରିଗଣିତ ହୋଇଥାଏ ।

**ମୃତ୍ତିକା :-**

ନିଗିଡ଼ା, ଉର୍ବର, ଦୋରସାରୁ ବାଲିଦୋରସା ତଥା ଅମ୍ଳତା (ପି.ଏଚ୍) ୫.୫ରୁ ୮.୦ ଥିବା ମାଟିରେ ରାଶି ଚାଷ ଭଲ ହୋଇଥାଏ । ଅଧିକ ଲୁଣି, କ୍ଷାରୀ, ଅମ୍ଳ, ବାଲି କିମ୍ବା ମଟାଳ ମାଟିରେ ଭଲ ହୁଏ ନାହିଁ ।

**କିସମ :-** ଆମ ରାଜ୍ୟ ପାଇଁ ଅନୁମୋଦିତ କେତେକ ଉନ୍ନତ କିସମର ନାମ ଓ ଗୁଣ ନିମ୍ନରେ ପ୍ରଦାନ କରାଗଲା ।

| କିସମର ନାମ | ମଞ୍ଜିର ରଙ୍ଗ | ତୈଳ (%) | ଅବଧି (ଦିନ) | | ଅମଳ (କ୍ୱି/ଏକର) |
|---|---|---|---|---|---|
| | | | ଖରିଫ | ରବି | |
| ଉମା | ଈଷତ ପିଙ୍ଗଳ | ୪୨-୪୬ | ୭୫-୮୦ | ୬୫-୭୦ | ୩.୪ |
| ଉଷା | ଚିକ୍କଣ | ୪୩-୪୬ | ୮୫-୯୦ | ୭୫-୮୦ | ୩.୦ |
| କନକ | ଧୂଷର | ୪୬-୪୮ | ୮୫-୯୦ | ୮୦-୮୫ | ୨.୮ |
| କାଳିକା | ପିଙ୍ଗଳ | ୪୫-୪୮ | ୯୦-୯୫ | ୮୦-୮୫ | ୨.୮ |
| ନିର୍ମଳା | ଫିକାଧଳା | ୪୨-୪୪ | ୮୦-୮୫ | ୭୦-୭୫ | ୩.୬ |
| ପ୍ରାଚୀ | କଳା | ୪୨-୫୫ | ୭୫-୮୦ | ୭୦-୭୫ | ୩.୬ |
| ବିନାୟକ | ପିଙ୍ଗଳ | ୪୩-୪୬ | ୮୫-୯୦ | ୮୦-୮୫ | ୨.୬ |
| ସ୍ମାରକ | ସୁବର୍ଣ୍ଣ ହଳଦିଆ | ୪୮-୫୨ | ୭୫-୮୦ | ୮୦-୮୫ | ୩.୦ |

## ବିହନ :-

ଛଟା ବୁଣା ପାଇଁ ଏକ ପ୍ରତି ୪ କି.ଗ୍ରା ଏବଂ ଧାଡ଼ି ବୁଣା ପାଇଁ ୨-୩ କି.ଗ୍ରା. ବିହନ ଆବଶ୍ୟକ । ବିହନ ବୁଣିବାର ୨ ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନ ସହିତ ୩ ଗ୍ରାମ କାର୍ବେଣ୍ଡାଜିମ୍ କିମ୍ବା ୫ ଗ୍ରାମ ଟାଇକୋଡ଼ର୍ମା ଭିରିଡ଼ି (୧୦୦ ଗ୍ରାମ କମ୍ପୋଷ୍ଟ ସହିତ) ମିଶାଇ ବିଶୋଧନ କରାଯାଏ । ସର୍ବଦା ପ୍ରମାଣିତ ବିହନ ସଂଗ୍ରହ କରିବା ଉଚିତ୍ ।

## ବୁଣିବା ପ୍ରଣାଳୀ :-

ମାଟିକୁ ଗୁଣ୍ଡ ଚାଷ କରି ଏକ ପ୍ରତି ୨ ଟନ୍ ସଢ଼ା କମ୍ପୋଷ୍ଟ ଶେଷ ଓଡ଼ ଚାଷ ସମୟରେ ମାଟିରେ ମିଶାଯାଏ । ବତର ଥିବା ମାଟିରେ ବିହନକୁ ବୁଣି ମଇ ଦିଆଯାଏ । ଗଭୀର ବୁଣାର ଗଜା କମ୍ ହୁଏ । ଧାଡ଼ି ବୁଣା କଲେ ଅନ୍ତଃ ଚାଷ ସୁବିଧାରେ କରାଯାଇପାରେ । ଏଥି ପାଇଁ ଧାଡ଼ିକୁ ଧାଡ଼ି ୪୫ ସେ.ମି. ବ୍ୟବଧାନରେ ଗୋଜୀ ଲଙ୍ଗଳରେ ଗାର ଟାଣି ସାର ପ୍ରୟୋଗ କରି ଘୋଡ଼ାଇବା ପରେ ୧-୨ ସେ.ମି. ଗଭୀରରେ ୧୦-୧୫ ସେ.ମି. ବ୍ୟବଧାନରେ ମଞ୍ଜି ବୁଣାଯାଏ । ମଞ୍ଜିଗୁଡ଼ିକ ଛୋଟ ହୋଇଥିବାରୁ ଶୁଖିଲା ବାଲି ସହିତ ମିଶାଇ ବୁଣାଯାଏ ।

| ଋତୁ | ବୁଣିବା ସମୟ |
|---|---|
| ଗ୍ରୀଷ୍ମ | ଫେବୃୟାରୀ – ମାର୍ଚ୍ଚ ପ୍ରଥମ ସପ୍ତାହ |
| ବର୍ଷା | ଜୁନ୍ ୧୫ – ଜୁଲାଇ ୧୫ |
| ଶୀତ | ସେପ୍ଟେମ୍ବର – ଅକ୍ଟୋବର |

## ସାର ପ୍ରୟୋଗ :-

ରାଶି ଫଳରେ ସାର ଉପାଦାନ (କି.ଗ୍ରା./ଏକର) ନିମ୍ନମତେ ପ୍ରୟୋଗ କରାଯାଏ ।

| ପ୍ରୟୋଗ ସମୟ | ଯବକ୍ଷାରଯାନ | ଫସଫରସ୍ | ପୋଟାସିୟମ୍ | ଜିପସମ୍ |
|---|---|---|---|---|
| ବୁଣିବା ସମୟରେ | ୮ | ୮ | ୮ | |
| ୨୦ ଦିନ ପରେ (ଖରିଫ) | ୮ | – | – | ୧୦୦ |
| ୩୦ ଦିନ ପରେ (ରବି) | ୮ | – | – | ୧୦୦ |

## ପରବର୍ତ୍ତୀ ଯତ୍ନ :-

ବୁଣିବାର ୨୦ ଦିନ୍ ପରେ କୋଡ଼ାଖୋସା କରି ଅନାବନା ଗଛ ବାଛି ଗଛକୁ ଗଛ ବ୍ୟବଧାନ ୧୦ ସେ.ମି. ରଖି ଅଧିଖ ଗଛ ଉପାଡ଼ି ଦିଆଯାଏ । ଘାସ ନିୟନ୍ତ୍ରଣ ପାଇଁ ରାସାୟନିକ ତୃଣନାଶକ ପେଣ୍ଡିମେଥାଲିନ ୩୦% ଇ.ସି. ଓ ୪.୫ ମି.ଗ୍ରା ପ୍ରତି ଲିଟର (୯୦୦ ମି.ଲି./ଏକର) ବୁଣିବାର ୩ ଦିନ ଭିତରେ କିମ୍ବା କୁଇଜାଲ୍‌ଫୋପଏଥିଲ୍ ୫% ଇସି @ ୨ ମି.ଗ୍ରା. ପ୍ରତି ଲିଟର (୪୦୦ ମି.ଗ୍ରା./ଏକର) ହିସାବରେ ବୁଣିବାର ୧୫ ଦିନ ପରେ ବତର ଥିବା ମାଟିରେ ପ୍ରୟୋଗ କରାଯାଏ ।

ବର୍ଷାଋତୁରେ ଜଳସେଚନର ଆବଶ୍ୟକତା ପଡ଼େ ନାହିଁ, ମାତ୍ର ଜମିରୁ ପାଣି ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ । ଶୀତ (ରବି) ଓ ଗ୍ରୀଷ୍ମ ଋତୁରେ କରାଯାଉଥିବା ରାଶି ଫସଲରେ ୨-୩ ଗୋଟି ଜଳସେଚନ ଆବଶ୍ୟକ ହୋଇଥାଏ । ବୁଣିବା ପୂର୍ବରୁ, ଫୁଲ ଆସିବା ସମୟ ତଥା ଫଳ ବୃଦ୍ଧି ସମୟରେ ଜଳସେଚନ ଜରୁରୀ ।

## ରୋଗ ପୋକ ପରିଚାଳନା

୧) **ପତ୍ର ଦାଗ ରୋଗ :-** ପତ୍ରରେ ବାଦାମୀ ରଙ୍ଗର ଗୋଲାକାର ଦାଗ ଦେଖାଯାଏ । ଏଗୁଡ଼ିକ ପରେ ମିଶିଯାଇ ଆକ୍ରାନ୍ତ ପତ୍ର ମୋଡ଼ି ହୋଇ ଝଡ଼ି ପଡ଼େ । ଏହି ରୋଗ ମଞ୍ଜି ଓ ଜମିରେ ଥିବା ପୂର୍ବ ଫସଲର ଅବଶିଷ୍ଟାଂଶରୁ ବିସ୍ତାର ଲାଭ କରେ ।

**ପରିଚାଳନା :** ଅମଳ ପରେ ଜମିକୁ ପରିଷ୍କାର କରନ୍ତୁ । ବିହନ ବିଶୋଧନ କରି ବୁଣନ୍ତୁ । ଫସଲରେ କପର ଅକ୍ସିକ୍ଲୋରାଇଡ୍ ୫୦% ଡବଲ୍ୟୁ.ପି. (୬୦୦ ଗ୍ରାମ/ଏକର) ସ୍ପ୍ରେ କରାଯାଏ । ବୁଣିବା ପୂର୍ବରୁ ମଞ୍ଜିକୁ ୫୨ ଡିଗ୍ରୀ ସେଲସିୟସ୍ ଗରମ ପାଣିରେ ୧ ଘଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ରଖାଯାଏ

୨) **ପତ୍ର ପୋଡ଼ା ରୋଗ :** ପତ୍ରରେ ଅନେକ ଗୋଲାକାର କେନ୍ଦ୍ରୀଭୂତ ବାଦାମୀ ରଙ୍ଗର ଚିହ୍ନ ଦେଖାଯାଇ ପରେ ମିଶିଯାଇ ପତ୍ର ପୋଡ଼ିଗଲା ପରି ଦେଖାଯାଏ । ଅଧିକ ଆକ୍ରାନ୍ତ ପତ୍ର ଝଡ଼ିପଡ଼େ ।

**ପରିଚାଳନା :** ବିହନ ବିଶୋଧନ ସମୟରେ କି.ଗ୍ରା. ପ୍ରତି ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଯାଏ । ଫସଲରେ ମଧ ଷ୍ଟ୍ରେପ୍ଟୋମାଇସିନ୍ (୧ ଗ୍ରାମ/୧୦ ଲିଟର) ସ୍ପ୍ରେ କରାଯାଏ ।

୩)**ପତ୍ର ଗୁଚ୍ଛ ରୋଗ :** ଏହି ରୋଗରେ ଗଛ ବାଙ୍ଗରା ହୁଏ ଏବଂ ଫୁଲ ସ୍ଥାନରେ ଛୋଟ ଛୋଟ ପତ୍ର ଗୁଚ୍ଛ ହୋଇ ବାହାରେ । ଶାଖା ପ୍ରଶାଖା ଅଧିକ ମାତ୍ର ଫୁଲ ଫଳ ପ୍ରାୟ ହୁଏ ନାହିଁ । ଫଳ ହେଲେ ମଧ୍ୟ ହୁଏ ନାହିଁ । ଏହି ରୋଗ ମାଇକୋପ୍ଲାଜମା ଯୋଗୁଁ ହୋଇଥାଏ ଓ ପତ୍ର ଡିଆଁ ପୋକ ଦ୍ୱାରା ସଂକ୍ରମିତ ହୋଇଥାଏ ।

**ପରିଚାଳନା :** ଆକ୍ରାନ୍ତ ଗଛକୁ ଉପାଡ଼ି ଦିଆଯାଏ । ଏପରି ଫସଲରୁ ବିହନ ସଂଗ୍ରହ କରାଯାଏ ନାହିଁ । ପତ୍ର ଡିଆଁ ପୋକର ନିୟନ୍ତ୍ରଣ ପାଇଁ କାର୍ବାରିଲ୍ ୫୦ ଡବଲ୍ୟୁ.ପି. (୮୦୦ ଗ୍ରାମ୍/ଏକର) ସିଞ୍ଚନ କରାଯାଏ ।

୪) **ଝାଉଁଳା ରୋଗ :** ଚେର ସଡ଼ିଯାଇ ପ୍ରଥମେ ତଳପତ୍ର ହଳଦିଆ ପଡ଼ି ଭିତର ପଟକୁ ମୋଡ଼ି ହୋଇ ଝଡ଼ିପଡ଼େ । ଗଛ ଶୁଖି ମରିଯାଏ ।

**ପରିଚାଳନା :** ଗୋଟିଏ ଜମିରେ ବାରମ୍ବାର ରାଶି ଚାଷ କରାଯାଏ ନାହିଁ । ବିହନ ବିଶୋଧନ କରି ବୁଣାଯାଏ । ଫସଲ ଅମଳ ପରେ କିଆରୀକୁ ପରିଷ୍କାର ରଖାଯାଏ ।

୫) **ଆବୁ ମାଛି :** ଶୂକ ଗୁଡ଼ିକ ରାଶି ଫୁଲରୁ ରସ ଶୋଷି ଖାଇବାରୁ ଫୁଲ ଆବୁ ପରି ଫୁଲିଯାଏ ଓ ସେଥିରେ ଫଳ ଧରେ ନାହିଁ ।

ପରିଚାଳନା : ଆକ୍ରାନ୍ତ ଅଂଶକୁ ଛିଣ୍ଡାଇ ଦେଇ ଫସଲରେ ଇମିଡ଼ାକ୍ଲୋପ୍ରିଡ୍ ୨୦୦ ଏସ୍.ଏଲ୍. (୮୦୦ ମି.ଲି./ଏକର) ସ୍ପ୍ରେ କରାଯାଏ ।

୬) **ପତ୍ର କଟା ଓ ଫଳ ବିନ୍ଧା ପୋକ :** ଛୋଟ ଅବସ୍ଥାରେ ଶୂକ ହଳଦିଆ ଏବଂ ବଡ଼ ହେଲେ ସବୁଜ ରଙ୍ଗ ହୁଏ । ଶୂକମାନେ ଗଛ ଅଗର ୨-୩ ଗୋଟି କଅଁଳ ପତ୍ରକୁ ଏକାଠି ଯୋଡ଼ି ତା' ଭିତରେ ରହି ସବୁଜ ଅଂଶ କୋରି ଖାଇଥାନ୍ତି । ଅଗ ନଷ୍ଟ ହେବାରୁ ଗଛ ବଢ଼େ ନାହିଁ । ଗୋଟିଏ ଶୂକ ୨-୩ ଗୋଟି ଗଛ ଆକ୍ରମଣ କରିପାରେ । ଶୂକ କାଣ୍ଡ ଓ ଫଳ ମଧ୍ୟ ଆକ୍ରମଣ କରେ ।

**ପରିଚାଳନା :** ବୁଣିବାର ୨୫ ଦିନ ପରେ ଏହି ପୋକ ଫସଲରେ ଦେଖାଗଲେ ଟ୍ରାଇଜୋଫସ୍ (୪୦୦ ମି.ଲି./ଏକର) ସ୍ପ୍ରେ କରାଯାଏ । ଫଳ ପାକଳ ହୋଇଥିଲେ କାର୍ବାରିଲ୍ ୫୦% ଡବଲ୍ୟୁ.ପି. (୮୦୦ ଗ୍ରାମ/ଏକର) ସ୍ପ୍ରେ କରାଯାଏ । ପତ୍ର ବିଣ୍ଡା ଗୁଡ଼ିକୁ ନଷ୍ଟ କରିଦିଆଯାଏ । ଟ୍ରାଇକୋଗ୍ରାମା ଚିଲୋନିସ୍ ଛାଡ଼ନ୍ତୁ ।

୭)   **ଛଞ୍ଚାଣ ମଥ :** ଏହାର ଶୂକ ଗୁଡ଼ିକ ବର୍ଷେ ବର୍ଷେ ଅଧିକ ଲାଗି ପତ୍ର ଖାଇ ଗଛ ସବୁ ଲଣ୍ଡା କରି ଦିଅନ୍ତି ।

**ପରିଚାଳନା :** ଶୂକ ଗୁଡ଼ିକୁ ହାତରେ ଧରି ମରାଯାଇପାରେ କିମ୍ବା ଫସଲରେ କାର୍ବାରିଲ୍ ୫୦% ଡବଲ୍ୟୁ.ପି. (୮୦୦ ଗ୍ରାମ/ଏକର) ସ୍ପ୍ରେ କରାଯାଏ ।

୮)   **ଡାହାଣୀ ପୋକ :** ଶୂକ ଗୁଡ଼ିକ ପତ୍ର, ଫୁଲ ଓ କଷି ଫଳରୁ ରସ ଶୋଷି ଖାଇବାରୁ ପତ୍ର ମୋଟା ହୋଇଯାଏ । ଏହି ପୋକ ଛୋଟ ପତ୍ର ବା ଅଣ୍ଡିରା ରୋଗର ବାହକ ଅଟେ ।

**ପରିଚାଳନା :** ସମସ୍ତ ଯବକ୍ଷାରଜାନ ସାର ଏକା ଥରକେ ନଦେଇ ଅଧା ମୂଳସାର ରୂପେ ଏବଂ ଅନ୍ୟ ଅଧ ଫୁଲ କଷି ପୂର୍ବରୁ ଦିଆଯାଏ । ଫସଲରେ ଇମିଡାକ୍ଲୋପ୍ରିଡ୍ ୨୦୦ ଏସ୍.ଏଲ୍. (୮୦ ମି.ଲି./ଏକର) ସିଞ୍ଚନ କରାଯାଏ ।

**ଅମଳ :-**

ଗଛ ବୃଦ୍ଧି ସଙ୍ଗେ ସଙ୍ଗେ ଫୁଲ ଫଳ ଧରିଥାଏ । ମାତ୍ର ଛୁଇଁ ପାକଳ ହେଲେ ପତ୍ର ପାଚି ଝଡ଼ିଯାଏ । ସମସ୍ତ ଫଳ ଶୁଖିବାକୁ ଅପେକ୍ଷା କରିବା ଅନୁଚିତ୍ । ଅଧାରୁ ଅଧିକ ଫଳ ଶୁଖିଥିଲେ ଫସଲ କାଟନ୍ତୁ (ଅଗ ଫଳ ଶୁଖିବା ବେଳକୁ ତଳଫଳ ଫାଟି ଝଡ଼ିଯିବାର ସମ୍ଭାବନା ଥାଏ) । କାଟିବା ପରେ ଅମଳ ଖଳାରେ ଗଛକୁ ସିଧା ଭାବରେ ଠିଆ କରି ୭ ଦିନ ରଖିଲେ ଉପର ଫଳ ଶୁଖି ଆସେ ଏବଂ ଝଡ଼ିବାର ସମ୍ଭାବନା ନଥାଏ । ପରେ ୨-୩ ଦିନ ଖରାରେ ଶୁଖାଇ ଠେଙ୍ଗାରେ ପିଟି ଅମଳ କରାଯାଏ । କିସମ ଅନୁସାରେ ଏକର ପ୍ରତି ୨-୫ କ୍ୟୁଣ୍ଟାଲ ରାଶି ମିଳିଥାଏ । ରାଶିକୁ ଶୁଖାଇ ୮-୧୦ ପ୍ରତିଶତ ଜଳୀୟଅଂଶ ଥିବା ସମୟରେ ଶୁଷ୍କ ଓ ଥଣ୍ଡା ସ୍ଥାନରେ ବସ୍ତାରେ ପୂରାଇ ରଖାଯାଏ । ବର୍ଷାଋତୁ (ଖରିଫ୍) ଅପେକ୍ଷା ଶୀତ (ରବି) ଓ ଗ୍ରୀଷ୍ମ ଋତୁରେ ଅଧିକ ଅମଳ ମିଳିଥାଏ ।










ପ୍ରକାଶିତ ବର୍ଷ – ୨୦୨୨-୨୩

# ରାଶି ଚାଷ

ପ୍ରକାଶକ : **କୃଷି ବିଜ୍ଞାନ କେନ୍ଦ୍ର (ଗଜପତି)**



# ରାଶି ଚାଷ

ପ୍ରକାଶିତ ବର୍ଷ – ୨୦୨୨-୨୩

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର (ଗଜପତି)